# 3rd Senior Officials Meeting of Arab-India Cooperation Forum

January 12, 2021

## ଆରବ-ଭାରତ ସହଯୋଗ ମଞ୍ଚର ତୃତୀୟ ବରିଷ୍ଠ ଅଧିକାରୀସ୍ତରୀୟ ବୈଠକ

**ଜାନୁଆରୀ 12, 2021**

1. ଆରବ-ଭାରତ ସହଯୋଗ ମଞ୍ଚର ତୃତୀୟ ବରିଷ୍ଠ ଅଧିକାରୀସ୍ତରୀୟ ବୈଠକ 12 ଜାନୁଆରୀ 2021 ରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ (ସିପିଭି ଏବଂ ଓଆଇଏ ବା ଦୂତାବାସ, ପାସପୋର୍ଟ ଓ ଭିସା ଏବଂ ପ୍ରବାସୀ ଭାରତୀୟ ବ୍ୟାପାର ବିଭାଗ) ଏବଂ ରାଷ୍ଟ୍ରଦୂତ ତଥା ଆରବ ରାଷ୍ଟ୍ର ସମୂହରେ ଇଜିପ୍ଟର ସ୍ଥାୟୀ ପ୍ରତିନିଧୀ ଓ ସହକାରୀ ବୈଦେଶିକ ମନ୍ତ୍ରୀ ମହମ୍ମଦ ଆବୁ ଅଲ-ଖେର ଏହି ବୈଠକରେ ସହଅଧ୍ୟକ୍ଷତା କରିଥିଲେ। ଭାରତ ଓ ଆରବ ରାଷ୍ଟ୍ରମାନଙ୍କର ତଥା ଆରବ ରାଷ୍ଟ୍ର ସମୂହର ସାଧାରଣ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

2. ବରିଷ୍ଠ ଅଧିକାରୀମାନେ ଆରବ ଜଗତ ଏବଂ ଭାରତ ମଧ୍ୟରେ ଐତିହାସିକ ତଥା ସଭ୍ୟତାଗତ ସମ୍ପର୍କକୁ ମନେ ପକାଇଥିଲେ ଏବଂ ଉଭୟ ପକ୍ଷକୁ ଏକତ୍ର ବାନ୍ଧିବା ପାଇଁ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କର ଅବଦାନକୁ ଉଲ୍ଲେଖ କରିଥିଲେ। ସେମାନେ ଆରବ-ଭାରତ ସହଯୋଗ ପାଇଁ ଦୃଢ଼ ମୂଳଦୁଆ ଓ ଅପାର ସମ୍ଭାବନା ଏବଂ ଆରବ-ଭାରତ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏହି ମଞ୍ଚର ଭୂମିକାକୁ ସେମାନେ ପ୍ରଶଂସା କରିଥିଲେ।

3. ବରିଷ୍ଠ ଅଧିକାରୀମାନେ ଉଭୟ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ସ୍ତରରେ ପାରସ୍ପରିକ ଚିନ୍ତାଧାରାର ବିଷୟ ଉପରେ ଆଲୋଚନା କରି ଉଭୟ ପକ୍ଷ ମଧ୍ୟରେ ସହଯୋଗ ଓ ସମନ୍ୱୟ ପ୍ରଣାଳୀକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ପାରସ୍ପରିକ ସ୍ୱାର୍ଥ ଓ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ବଜାୟ ରଖିବ। ଏହି ପରିପ୍ରେକ୍ଷୀରେ ସେମାନେ ମଧ୍ୟପ୍ରାଚ୍ୟର ଆଞ୍ଚଳିକ ସମସ୍ୟା ଓ ସଙ୍କଟଗୁଡିକର ରାଜନୈତିକ ସମାଧାନର ଆବଶ୍ୟକତାକୁ ଦୋହରାଇଥିଲେ। ପ୍ରଯୁଜ୍ୟ ଆନ୍ତର୍ଜାତୀୟ ଆଇନ ଓ ଚୁକ୍ତିନାମା ଅନୁଯାୟୀ ବିଶେଷତଃ ପାଲେଷ୍ଟାଇନ ସମସ୍ୟା, ସିରିଆ, ଲିବିୟା ଏବଂ ୟେମେନରେ ସଙ୍କଟର ସମାଧାନ କରିବା ସହିତ ଆତଙ୍କବାଦର ମୁକାବିଲା ତଥା ଜାହାଜ ଚଳାଚଳ ଓ ସାମୁଦ୍ରିକ ନିରାପତ୍ତାକୁ ସୁନିଶ୍ଚିତ କରିବାରେ ସହଯୋଗ ଉପରେ ସେମାନେ ଜୋର ଦେଇଥିଲେ।

4. ସେମାନେ ଜୋର ଦେଇଛନ୍ତିଯେ କୋଭିଡ-19 ମହାମାରୀ ହେତୁ ବିଶ୍ୱରେ ଯେଉଁ ଅସାଧାରଣ ପରିସ୍ଥିତି ଏବଂ ଅଦୃଶ୍ୟ ସମସ୍ୟା ରହିଛି ତାହାର ମୁକାବିଲା କରିବା ପାଇଁ ଆନ୍ତର୍ଜାତୀୟ ତଥା ଆଞ୍ଚଳିକ ସହଯୋଗକୁ ମଜବୁତ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ସେମାନେ ନିଦାନ ଓ ଚିକିତ୍ସା କ୍ଷେତ୍ରରେ ଭାରତ ଓ ଆରବ ରାଷ୍ଟ୍ର ସମୂହ ମଧ୍ୟରେ ଚାଲିଥିବା ସହଯୋଗ ଉପରେ ଆଲୋଚନା କରିଥିଲେ ଏବଂ କୋଭିଡ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ଜାତୀୟ ଆଭିମୁଖ୍ୟ ଉପରେ ମତ ବିନିମୟ କରିଥିଲେ।

5. ଦୁଇ ବର୍ଷ କାର୍ଯ୍ୟକାଳ (2021-2022) ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିବାରୁ ଆରବ ପକ୍ଷ ଭାରତକୁ ଅଭିନନ୍ଦନ ଜଣାଇବା ସହିତ ଆନ୍ତର୍ଜାତୀୟ ସ୍ତରରେ ବିଶେଷକରି ପାରସ୍ପରିକ ଚିନ୍ତାଧାରାର ଆଞ୍ଚଳିକ ପ୍ରସଙ୍ଗ ଉପରେ ଭାରତର ପ୍ରମୁଖ ଭୂମିକାକୁ ନେଇ ଆଶା ରଖିଛନ୍ତି।

6. ବରିଷ୍ଠ ଅଧିକାରୀମାନେ ଆରବ-ଭାରତ ସହଯୋଗ ମଞ୍ଚର ଢାଞ୍ଚାରେ ସହଯୋଗ ବୃଦ୍ଧି କରିବାର ଉପାୟ ଉପରେ ମଧ୍ୟ ଆଲୋଚନା କରିଥିଲେ:

o ଅର୍ଥନୀତି, ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ,
o ଶକ୍ତି ଓ ପରିବେଶ,
o କୃଷି ଓ ଖାଦ୍ୟ ସୁରକ୍ଷା,
o ପର୍ଯ୍ୟଟନ ଓ ସଂସ୍କୃତି,
o ମାନବ ସମ୍ବଳ ବିକାଶ,
o ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା,
o ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଏବଂ
o ଗଣମାଧ୍ୟମ

7. ସେମାନେ ଆରବ-ଭାରତ ସାଂସ୍କୃତିକ ମହୋତ୍ସବର ତୃତୀୟ ଅଧିବେଶନ, ଶକ୍ତି କ୍ଷେତ୍ରରେ ଆରବ-ଭାରତ ସହଯୋଗ ସମ୍ମିଳନୀ, ପ୍ରଥମ ଆରବ-ଭାରତ ବିଶ୍ୱବିଦ୍ୟାଳୟ ସଭାପତି ସମ୍ମିଳନୀ, ଗଣମାଧ୍ୟମ କ୍ଷେତ୍ରରେ ଆରବ-ଭାରତ ସହଯୋଗ ଉପରେ ଦ୍ୱିତୀୟ ସମ୍ମିଳନୀ ଏବଂ ଆରବ-ଭାରତ ଭାଗିଦାରୀ ସମ୍ମିଳନୀର ଷଷ୍ଠ ଅଧିବେଶନ ସମେତ ମଞ୍ଚର ମିଳିତ କାର୍ଯ୍ୟକଳାପକୁ ଶୀଘ୍ର ଆୟୋଜନ କରିବାକୁ ସେମାନେ ସହମତ ହୋଇଥିଲେ।।

8. ଉଭୟ ପକ୍ଷ ନିଜର ସୁବିଧାଜନକ ଦିନରେ ଭାରତରେ ଆରବ-ଭାରତ ସହଯୋଗ ମଞ୍ଚର ଦ୍ୱିତୀୟ ମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ କରିବାକୁ ଆଶା ବାନ୍ଧିଛନ୍ତି।

**ନୂଆଦିଲ୍ଲୀ**

**ଜାନୁଆରୀ 12, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.